ପିଲାଙ୍କ ଧରିତ୍ରୀ

ଶନିବାର, ୩୦ ଡିସେମ୍ବର, ୨୦୨୩

# ନୂତନ ବର୍ଷର ଅଭିନନ୍ଦନ

# ୨୦୨୪



# ଖେଳି ଖେଳି ହସ

ମିଣ୍ଟୁ : ଆରେ ଭାଇ ଚିଣ୍ଟୁ , ତୋ ସାଇକେଲ ଆଜି ମୋତେ ଟିକେ ଦବୁ।
ଚିଣ୍ଟୁ: ନା, ଦେଇପାରିବିନି।
ମିଣ୍ଟୁ: ଚିଣ୍ଟୁ, ତୁ ଯଦି ତୋ ସାଇକେଲ ମୋତେ ଦବୁନି ତେବେ ମୋ ମନ ଖଟା ହୋଇଯିବ।
ଚିଣ୍ଟୁ: ତେବେ ଚିନି ଟିକେ ନେଇ ଖାଇଦେ।

---

ଅଜୁ ତା' ସାଙ୍ଗ ବିଜୁକୁ କହିଲା–ଆରେ ସାଙ୍ଗ, ତମ କୁକୁର ମୋ ବହି ଫାଡ଼ି ଦେଇଛି।
ବିଜୁ : ତୁ ଟିକେ ରହ ଅଜୁ ମୁଁ ତାକୁ ଦଣ୍ଡ ଦେବି ।
ଅଜୁ: ତୁ ଦେ ନା ଆଉ ଦଣ୍ଡ ତାକୁ ତା' ଭାଗର ଦଣ୍ଡ ମୁଁ ତାକୁ ଦେଇ ଦେଇଛି।
ବିଜୁ: କେମିତି ?
ଅଜୁ: ମୁଁ ତା' ଗିନାରେ ଥୁଆ ହୋଇଥିବ ସବୁ କ୍ଷୀର ପିଇ ଦେଇଛି।

---

ମଣ୍ଟୁ : ଚିଣ୍ଟୁ ଚଲ୍‌ଦି ଉଠ, ଭୂମିକମ୍ପ ଆସିଲାଣି। ସବୁ ଘର ହଲୁଛି।
ଚିଣ୍ଟୁ– ମଣ୍ଟୁ ଚୁପ୍‌ଚାପ୍ ଯା' ଶୋଇପଡ଼, ଘର ଯଦି ଭାଙ୍ଗିବ ଆମର କ'ଣ ଯିବ! ଆମେ ତ ଭଡ଼ାଟିଆ।

# ନିଆରା ନୂଆବର୍ଷ

ଗପ



ସୋନୁ ଓ ମୋନୁ ଯାଆଁଳାଭାଇ। ଗୋଟିଏ ଶ୍ରେଣୀରେ ପଢ଼ନ୍ତି। ଯାଆଁଳା ହୋଇଥିବାରୁ ସବୁ ଗୁଣ ପ୍ରାୟ ସମାନ। ପାଠ ପଢ଼ାରେ ସେମାନେ ଟିକେ ଦୁର୍ବଳ ସିନା, କିନ୍ତୁ ଗୁଣରେ ସଭିଙ୍କ ଉପରେ। ସବୁବେଳେ ଅନ୍ୟର ମଙ୍ଗଳ ଚିନ୍ତା କରନ୍ତି ୨ ଭାଇ। ପିଲାଦିନୁ ଏପରି ଗୁଣ ପାଇଁ ଖାଲି ବିଦ୍ୟାଳୟ ନୁହେଁ, ଗାଁରେ ମଧ୍ୟ ସମସ୍ତଙ୍କ ପ୍ରିୟପାତ୍ର।

ଆଗକୁ ନୂଆ ବର୍ଷ। ଚାରିଆଡ଼େ ବଣଭୋଜି ପାଇଁ ପ୍ରସ୍ତୁତି ଚାଲିଥାଏ। ଏମିତିରେ ତ ବିଦ୍ୟାଳୟ ଛୁଟି, ପିଲାମାନେ ବହୁତ ଖୁସ୍। କିଏ ମାମୁଘର ବୁଲି ଯାଇଛି ତ କିଏ ପର୍ଯ୍ୟଟନ ସ୍ଥଳ ବୁଲିବା ପାଇଁ ଯୋଜନା କରୁଛନ୍ତି।

ଏତେ ଖୁସି ଭିତରେ ସୋନୁ ମୋନୁଙ୍କ ମନ ଭାରି ଦୁଃଖ। ଦିନ ତମାମ୍ ଉପାସ ପଡ଼ିଛନ୍ତି। ଯେତେ ବୁଝେଇଲେ ବି ଦୁଇଜଣ ବୁଝିବାକୁ ପ୍ରସ୍ତୁତ ନୁହନ୍ତି। ଗୋଟାଏ ଜିଦ୍ଦି ବାବା ଆସିଲେ ଖାଇବେ। ସୋନୁ ଆଉ ମୋନୁର ମାମା ଜାଣନ୍ତି ସେ ଦୁଇଜଣ ଯଦି କେଉଁ କଥାରେ ଜିଦ୍ଦି କରନ୍ତି ତାଙ୍କ ବାବା ନ ଆସିବା ପର୍ଯ୍ୟନ୍ତ ବୁଝନ୍ତି ନାହିଁ। ତେଣୁ ପୁଅମାନଙ୍କ କଥା ବୁଝିବା ପାଇଁ ବାଧ୍ୟହୋଇ ସୋମନାଥବାବୁ ଆସି ପହଞ୍ଚିଗଲେ।

ପହଞ୍ଚୁ ପହଞ୍ଚୁ ଦୁଇଭାଇ କହିଲେ, ବାବା ଆମେ ଦୁଇଜଣ କାଲିଠାରୁ ଗୋଟେ କଥା ଭାବିଛୁ, ତୁମେ ଯଦି ରାଜିହେବ ତେବେ ଯାଇଁ ଆମେ ଖାଇବୁ। ଆମେ କେତେବେଳେ କିଛି ମାଗିନାହୁଁ, ଆଜି ତୁମକୁ ଆମ କଥା ରଖିବାକୁ ହେବ। ସୋମନାଥବାବୁ କହିଲେ, କେଉଁ କଥା ଏମିତି ଭାବୁଛ କହିଲ ଦେଖି। ବୁଲିବାକୁ ଯିବ ନା ଭୋଜି କରିବାକୁ ଯିବ। ମନ ଦୁଃଖ କରନି ଏଥର ନୂଆବର୍ଷକୁ ଆମ ପରିବାର ସହ ଆମେ କୋଣାର୍କ ବଣଭୋଜି ପାଇଁ ଯିବା। ନା ଆଉ କିଛି ଭାବୁଛ।

ନାଇଁ ବାବା ସେ କଥା ନୁହେଁ। ଏଥର ଆମେ ଭାବିଛୁ ନୂଆବର୍ଷରେ ପାଖରେ ଥିବା ବୃଦ୍ଧାଶ୍ରମକୁ ଯାଇ ସେମାନଙ୍କ ନିମନ୍ତେ ନୂଆ ପୋଷାକ ସହ କିଛି ଖାଦ୍ୟ ଖାଇବାକୁ ଦେବୁ। ଗୋଟିଏ ସ୍ୱରରେ ଦୁଇ ଭାଇ କହିବାକୁ ଲାଗିଲେ। ଦୁଇଜଣଙ୍କ କଥା ଶୁଣି ପରିବାର ଲୋକେ ଆବାକ୍ ହୋଇ ଚାହିଁଥାନ୍ତି। କେତେ ସୁନ୍ଦର ଚିନ୍ତାଧାରା ଏତେ କମ୍ ବୟସରେ।

ସେତିକି ବେଳେ ସୋନୁ କହିଲା, ସେମାନଙ୍କର ବି ଗୋଟେ ଇଚ୍ଛା ଅଛି ନା ବାବା ନୂଆ ପୋଷାକ ପିନ୍ଧିବାକୁ। ଭଲ ଭଲ ଜିନିଷ ଖାଇବାକୁ। ସବୁବେଳେ ନ ହେଲେ ଦିନେ ତ ଆମେ ସେମାନଙ୍କ ମନରେ ଖୁସି ଦେଇପାରିବା। ନୂଆ ସକାଳ ବା ନୂଆ ବର୍ଷ ସେତେବେଳେ ହେବ ଯେତେବେଳେ ସଭିଏଁ ହସିବେ। ଆମେ ଏପଟେ ଖୁସି କରିବାବେଳେ ସେମାନେ ଦୁଃଖରେ ରହିଲେ କ'ଣ ଭଲ ଲାଗିବ। ଆମ ସାର୍ କହୁଥିଲେ, ସମସ୍ତଙ୍କ ପ୍ରତି ସମାନ ଭାବନା ଆଣିବା ପାଇଁ। କାହା ମନରେ କେବେ କଷ୍ଟ ନ ଦେବାକୁ ସାର୍ କହିଥିଲେ।

ଦୁଇଜଣଙ୍କୁ କୋଳେଇ ନେଇ ସୋମନାଥବାବୁ କହିଲେ, ସତରେ ତୁମେ ଦୁଇଜଣ ଆମ କୁଳ ଉଜ୍ଜ୍ୱଳ କରିବ। ଏ ତ ବହୁତ ଭଲ କଥା। ଏଇ କଥା ପାଇଁ କିଏ ବା ନାହିଁ କରିପାରିବ। ଏତେ କମ୍ ବୟସରୁ ତୁମ ମନରେ ବହୁତ ବଡ ଏବଂ ଏତେ ସୁନ୍ଦର ଭାବନା ଆଣିପାରିଛ। ତୁମର ଏଇ ମହାନ୍ ଭାବନାକୁ ମୁଁ ବିନମ୍ର ସମ୍ମାନ ଜଣାଉଛି। ଏ ବର୍ଷ ନୂଆ ବର୍ଷ ସେହିପରି ପାଳନ କରିବା ତୁମେ ଦୁଇ ଜଣ ଯେପରି ଚିନ୍ତା କରିଛ।

**– ଅର୍ଜୁନ ଦାସ**
ମାଧବ, ନିଆଳୀ, କଟକ
ମୋ: ୭୭୩୫୯୫୭୧୫୧

# ମତାମତ

▸▸ ଏଥର 'ଗପ' ସ୍ତମ୍ଭରେ ପ୍ରକାଶିତ 'ଦେବାରେ ଆନନ୍ଦ ନେବାରେ ନାହିଁ' ପଢ଼ି ଜାଣିଲି ସତରେ ଦେବାରେ ଯେତିକି ଆନନ୍ଦ ଥାଏ ନେବାରେ ନ ଥାଏ।
**–ସୁକାନ୍ତ ସାହୁ, ନୟାଗଡ଼**


▸▸ 'ଆଇନା' ସ୍ତମ୍ଭରେ ପ୍ରକାଶ ପାଉଥିବା ଫଟୋଗୁଡ଼ିକ ସୁନ୍ଦର ଲାଗୁଛି।
**–ବିବେକ ଦାସ, କଟକ**

▸▸ ଏଥର 'ତୁମ ତୂଳୀରୁ' ସ୍ତମ୍ଭରେ ପ୍ରକାଶ ପାଇଥିବା ଚିତ୍ରଗୁଡ଼ିକ ଭଲ ହୋଇଛି।
**–ମୋନାଲିସା ରାଉତ, ଢେଙ୍କାନାଳ**

▸▸ ଗତ ସପ୍ତାହରେ 'କବିତା' ସ୍ତମ୍ଭରେ ପ୍ରକାଶିତ ବଡ଼ଦିନ କବିତାଗୁଡ଼ିକ ପଢ଼ିବାକୁ ବେଶ୍ ମଜା ଲାଗିଲା।
**–ସୁନୟନା ମହାନ୍ତି, ସୁନାବେଢ଼ା**

▸▸ 'କହିଲ ଦେଖି' ସ୍ତମ୍ଭଟି ଶିକ୍ଷଣୀୟ ହୋଇପାରୁଛି।
**–ମାମୁନି ସାହୁ, ବ୍ରହ୍ମପୁର ନିଆରା ନୂଆବର୍ଷ**

## ରଙ୍ଗ ଦିଅ



# କୁକୁର

## ବିଶ୍ୱସ୍ତ ପ୍ରାଣୀ କୁକୁର ସମ୍ପର୍କରେ ଜାଣନ୍ତୁ କିଛି ରୋଚକ କଥା...

✪ ବିଶ୍ୱରେ ଯେତେ ପ୍ରଜାତିର କୁକୁର ଅଛନ୍ତି ସେମାନଙ୍କ ମଧ୍ୟରୁ କେବଳ ବାସେଞ୍ଜି ପ୍ରଜାତିର କୁକୁର ଆଦୌ ଭୁକନ୍ତି ନାହିଁ।

✪ ଗିନିଜ୍ ୱାର୍ଲଡ ରେକର୍ଡ ଅନୁସାରେ ସାଲୁକୀ କୁକୁର ପ୍ରଜାତିକୁ ସବୁଠାରୁ ପୁରାତନ ପ୍ରଜାତିର କୁକୁରଭାବେ ଗ୍ରହଣ କରାଯାଇଛି। ପୂର୍ବକାଳରେ ଏହି ପ୍ରଜାତିର କୁକୁରଙ୍କୁ ଇଜିପ୍ଟର ରାଜା ପାଳନ କରୁଥିଲେ।

✪ କୁକୁରମାନେ ସବୁବେଳେ ନିଜ ମାଲିକଙ୍କ ପ୍ରତି ବିଶ୍ୱସ୍ତ ଥାନ୍ତି ଏବଂ ସେମାନଙ୍କୁ ସବୁଦିନ ମନେ ରଖନ୍ତି।

✪ କୁକୁରଙ୍କ ମସ୍ତିଷ୍କ ମଣିଷଙ୍କ ମସ୍ତିଷ୍କ ତୁଳନାରେ ୧୦ ଗୁଣ ଛୋଟ। କିନ୍ତୁ କୁକୁରଙ୍କ ଘ୍ରାଣ ଶକ୍ତି ମଣିଷ ତୁଳନାରେ ୧୦ହଜାର ଗୁଣ ଅଧିକ।

✪ ବିଶ୍ୱାସ କରାଯାଏ କି କୁକୁରମାନେ ଗଧିଆଙ୍କର କ୍ରମ ବିବର୍ତ୍ତନର ଏକ ଉନ୍ନତ ରୂପ। ଗଧିଆଙ୍କର ଡିଏନ୍‌ଏ ସହିତ କୁକୁରଙ୍କ ଡିଏନ୍‌ଏ ୯୯ ପ୍ରତିଶତ ମେଳ ଖାଇଥାଏ।

✪ କୁକୁରମାନେ ସେମାନଙ୍କ ଆକାର ଅନୁସାରେ ଜୀବିତ ରହନ୍ତି। ଲକ୍ଷ୍ୟ କରାଯାଇଛି କି ଛୋଟ ଆକାର କୁକୁରମାନେ ଅଧିକ ଦିନ ଜୀବିତ ରହନ୍ତି।

✪ ଜନ୍ମ ସମୟରେ କୁକୁର ଛୁଆଙ୍କୁ ଦେଖାଯାଏ ନାହିଁ କିମ୍ବା ଶୁଭେନାହିଁ, କିନ୍ତୁ ଘ୍ରାଣ ଶକ୍ତି ଦ୍ୱାରା ସେମାନେ ସେମାନଙ୍କ ମା'ଙ୍କୁ ସହଜରେ ପାଇଯାନ୍ତି।

✪ ଶୋଇବା ସମୟରେ କୁକୁର ଯଦି ଗୋଡ ହଲାଉଥାଏ ତାହେଲେ ଜାଣିବାକୁ ହେବ କି ସେମାନେ ସ୍ୱପ୍ନ ଦେଖୁଛନ୍ତି।

✪ ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଖବର ଦେବା ନେବା ପାଇଁ କୁକୁରମାନଙ୍କୁ ବ୍ୟବହାର କରାଯାଉଥିଲା।

✪ ଜନ୍ମ ସମୟରେ କୁକୁରଙ୍କର ୨୮ଟି ଦାନ୍ତ ଥାଏ କିନ୍ତୁ ପୂର୍ଣ୍ଣ ବିକଶିତ ହେବା ପରେ ସେମାନଙ୍କର ୪୨ଟି ଦାନ୍ତ ହୋଇଥାଏ।



ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ (ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com




# ସ୍ୱାଗତଂ ନୂଆବର୍ଷ

ଦିନକ ପରେ ବିଦାୟ ନେବ ୨୦୨୩, ଆଉ ପାଦ ଥାପିବ ୨୦୨୪। ତେବେ ଏହି ନୂଆବର୍ଷକୁ ପିଲାମାନେ କିପରି ସ୍ୱାଗତ କରିବେ ସେ ସମ୍ପର୍କରେ ଯାହା କହନ୍ତି....

ନୂଆ ବର୍ଷ ସମସ୍ତଙ୍କ ମନରେ ଆଣିଦିଏ ସ୍ୱତନ୍ତ୍ର ଉତ୍ସାହ ଆଉ ଉଦ୍ଦୀପନା। ସମଗ୍ର ବିଶ୍ୱରେ ଏହି ଦିନକୁ ବେଶ୍ ଜାକଜମକରେ ପାଳନ କରାଯାଏ। ଡିସେମ୍ବର ୩୧ ମଧ୍ୟରାତ୍ରିରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ପୃଥିବୀବାସୀ ସ୍ୱାଗତ କରନ୍ତି ନୂଆବର୍ଷକୁ। ଏହାର ମଜା ଉଠାଇବାକୁ ପିଲାମାନେ ବାଦ୍ ପଡନ୍ତେ କିପରି ? ସେମାନେ ପୂର୍ବରୁ ଯୋଜନା ପ୍ରସ୍ତୁତ କରନ୍ତି। ବର୍ଷର ଏହି ପ୍ରଥମ ଦିନକୁ କିପରି ପାଳନ କରିବେ ସେ ନେଇ ନିଜକୁ ପ୍ରସ୍ତୁତ କରିନିଅନ୍ତି। ଏହାପୂର୍ବରୁ ସେମାନେ ବେଶ୍ ଉତ୍ସୁକତାର ସହ ଅପେକ୍ଷାରେ ଥାଆନ୍ତି। କେମିତି ଏହି ଶୁଭ ଦିନ ଆସିବ ଆଉ ଆମେ ଏହାର ଭରପୂର ମଜା ନେବୁ। ବୁଲାବୁଲି, ଭୋଜି, ସେଲିବ୍ରେଶନରେ କଟିଯାଏ ନୂଆବର୍ଷର ଆଗମନ। ତେବେ ଏଥର ଏହି ଦିନକୁ କିପରି ପାଳନ କରିବେ ସେନେଇ କେତେକ ଛାତ୍ରୀଛାତ୍ର ଯାହା କହନ୍ତି...

## ଏଥର ନୂଆବର୍ଷକୁ ଅଧିକ ସ୍ମରଣୀୟ କରିବି

ନୂଆ ବର୍ଷ ହେଉଛି ନୂଆ ସକାଳର ଆରମ୍ଭ। ନୂଆବର୍ଷର ପ୍ରଥମ ସୂର୍ଯ୍ୟ ବିଶ୍ୱବାସୀଙ୍କ ମନରେ ନୂତନ ଆଶା ଓ ଉଦ୍ଦୀପନା ସଞ୍ଚାର କରିଥାଏ। ପ୍ରତିଥର ନୂଆବର୍ଷ ଦିନ ଏହାକୁ ଭିନ୍ନ ଢଙ୍ଗରେ ଆରମ୍ଭ କରିବାକୁ ସଂକଳ୍ପ ନେଇଥାଏ। ଗତ ବର୍ଷ ଯାହା କିଛି ଭୁଲ କରିଛି ଆଗାମୀ ବର୍ଷରେ ତାହାକୁ ସୁଧାରିବାକୁ ଚେଷ୍ଟା କରିବି। ଯେମିତି କୌଣସି ଭୁଲ୍ ପାଇଁ ମୋ ଭବିଷ୍ୟତ ପ୍ରଭାବିତ ନ ହୁଏ, ସେ ନେଇ ସତର୍କ ରହିବି। ମୁଁ ସବୁବେଳେ ପାଠପଢ଼ାକୁ ଗୁରୁତ୍ୱ ଦେଇଥାଏ। ତେଣୁ ୨୦୨୪ରେ ମଧ୍ୟ କଠିନ ପରିଶ୍ରମ କରିବି। କାରଣ ମୁଁ ସବୁବେଳେ କ୍ୟାରିୟରକୁ ଗୁରୁତ୍ୱ ଦେଇଥାଏ। ଏଥର ନୂଆବର୍ଷରେ ପ୍ରଥମେ ମନ୍ଦିର ଯିବି ଏବଂ ଠାକୁରଙ୍କ ଆଶୀର୍ବାଦ ନେବି। ଏହି ଅବସରରେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିବି ଯେ ୨୦୨୪ ସମସ୍ତଙ୍କ ପାଇଁ ଖୁସି ଆଉ ସମୃଦ୍ଧିର ବର୍ଷ ହେଉ।



**–ଅନ୍ୱେଷା ପଣ୍ଡା,** କ୍ଲାସ–୮,
ସେଣ୍ଟ ଜୋସେଫ କନ୍‌ଭେଣ୍ଟ ସ୍କୁଲ,
ରାଉରକେଲା

## ନିଆରା ଢଙ୍ଗରେ ସ୍ୱାଗତ କରିବି

ପ୍ରତିବର୍ଷ ମୁଁ ନୂଆବର୍ଷକୁ ବେଶ୍ ଉତ୍ସାହର ସହ ଅପେକ୍ଷା କରିଥାଏ। ସବୁବର୍ଷ ଏହି ଦିନକୁ ମୁଁ ସ୍ମରଣୀୟ କରିବାକୁ ଚେଷ୍ଟା କରିଥାଏ। ଗତ କିଛି ବର୍ଷ ଧରି ଏହାକୁ ମୁଁ ନିଆରା ଢଙ୍ଗରେ ପାଳନ କରୁଛି। ସେହି ଦିନ ସକାଳୁ ମୁଁ ପ୍ରଥମେ ମନ୍ଦିର ଯାଇ ଠାକୁରଙ୍କ ଆଶୀର୍ବାଦ ଭିକ୍ଷା କରିବି। ତା'ପରେ ସାଙ୍ଗମାନଙ୍କ ସହ ଗରିବ ପିଲାମାନଙ୍କୁ ମିଠା ପ୍ୟାକେଟ୍ ଏବଂ କିଛି ଷ୍ଟଡି ମ୍ୟାଟେରିଆଲ ଦେବୁ। ଗତବର୍ଷ ଏଭଳି ଚିନ୍ତାଧାରା ମୋ ମନରେ ଆସିଥିଲା। ଆଉ ମୋ ସାଙ୍ଗମାନଙ୍କ ସହ ଆଲୋଚନା କରିବା ପରେ ଆମେ ଏ ଦିଗରେ ଆଗେଇଥିଲୁ। ପକେଟମନିରୁ କିଛି କିଛି ସଞ୍ଚୟ କରି ଆମେ ପାଣ୍ଠି ସଂଗ୍ରହ କରିଥାଉ ଏବଂ ତାହାକୁ ଏଥିପାଇଁ ବିନିଯୋଗ କରୁ। ଏବେ ତ ସ୍କୁଲ ଛୁଟି। ପାଠପଢ଼ା ପ୍ରତି ତ ଗୁରୁତ୍ୱ ଦେବି। ଏହାବ୍ୟତୀତ ନୂଆବର୍ଷରେ ସାଙ୍ଗମାନଙ୍କ ସହ ଏକ ପିକ୍‌ନିକ୍‌ର ଯୋଜନା ରହିଛି। ଏବେ ତ ପୁଣି କରୋନା ମୁଣ୍ଡ ଟେକିଲାଣି। ତେଣୁ ବେଶ୍ ସତର୍କତାର ସହ ଏହି ଦିନକୁ ପାଳନ କରିବି। ଏଥର ନୂଆବର୍ଷ ସମସ୍ତଙ୍କୁ ସୁସ୍ଥ ଆଉ ଖୁସିରେ ରଖୁ, ଏତିକି ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି।



**–ଶୁଭମ ବିଶ୍ୱାଳ,** କ୍ଲାସ–୮, କୁତାମଚଣ୍ଡୀ ବିଦ୍ୟାମନ୍ଦିର, ଧରାଧରପୁର,
ରଘୁନାଥପୁର, ଜଗତ୍‌ସିଂହପୁର

## ପିକ୍‌ନିକ୍ ପାଇଁ ଯୋଜନା ରହିଛି

ପ୍ରତିଥର ମୁଁ ନୂଆବର୍ଷକୁ ବେଶ୍ ଉତ୍ସୁକତାର ସହ ଅପେକ୍ଷା କରିଥାଏ। ଏହି ଦିନକୁ ସମଗ୍ର ବିଶ୍ୱବାସୀ ରଙ୍ଗିନ ପରିବେଶରେ ସ୍ୱାଗତ କରନ୍ତି। ମୁଁ ମଧ୍ୟ ଏଥିପାଇଁ ପୂର୍ବରୁ ଯୋଜନା କରିଥାଏ। ପ୍ରତିବର୍ଷ ନୂଆବର୍ଷ ଦିନ ମୁଁ ନୂଆ ଡ୍ରେସ ପିନ୍ଧେ। ତା'ପରେ ଗୁରୁଜନଙ୍କର ଆଶୀର୍ବାଦ ନିଏ। ନିକଟସ୍ଥ କିଛି ନା କିଛି ଦର୍ଶନୀୟ ସ୍ଥାନକୁ ବୁଲିବାକୁ ଯାଏ। କେବଳ ସେତିକି ନୁହେଁ, ସେଠାକାର ଇତିହାସ ବିଷୟରେ ଅବଗତ ହୋଇ ତାହାକୁ



ମୁଁ ଡାଏରିରେ ଲେଖିରଖେ। ଏଥର ନୂଆବର୍ଷରେ ମୁଁ ଏବଂ ମୋର କେତେଜଣ ସାଙ୍ଗ ପ୍ରସିଦ୍ଧ ବରୁଣେଇ ପୀଠକୁ ଯିବୁ। ସେଠାରେ ପିକ୍‌ନିକ୍‌ର ମଜା ନେବୁ। ବୁଲାବୁଲି ତ ନିଶ୍ଚୟ ହେବ। କାରଣ ନୂଆବର୍ଷ ସେଲିବ୍ରେଶନ ଯେପରି ସ୍ମରଣୀୟ ହୋଇ ରହିବ ସେ ନେଇ ଚେଷ୍ଟା କରିବି। ବର୍ତ୍ତମାନ ସ୍କୁଲ ଛୁଟି ଥିବାରୁ ପାଠ ପଢ଼ା ପ୍ରତି ନିଶ୍ଚୟ ଧ୍ୟାନ ଦେବି।

**–ଶୁଭାଶିଷ ଦାସ,** କ୍ଲାସ–୮,
କେନ୍ଦ୍ରୀୟ ବିଦ୍ୟାଳୟ, ନଂ–୧,
ଭୁବନେଶ୍ୱର

## ମା' ତାରିଣୀଙ୍କ ଆଶୀର୍ବାଦ ନେବି

ଏଥର ନୂଆବର୍ଷରେ ମୁଁ ପ୍ରସିଦ୍ଧ ଘଟଗାଁ ତାରିଣୀ ମନ୍ଦିର ଯିବାକୁ ସ୍ଥିର କରିଛି। ମୋ ସହିତ ଆମ ପରିବାରର ସମସ୍ତ ସଦସ୍ୟ ମଧ୍ୟ ଯିବେ। ୨୦୨୪ ଆରମ୍ଭରେ ମୁଁ ମା'ଙ୍କର ଆଶୀର୍ବାଦ ନେବି। ତାଙ୍କର କରୁଣା ବିନା କିଛି ସମ୍ଭବ ନୁହେଁ। ମୋର କେତେକ ସାଙ୍ଗ ମଧ୍ୟ ସେହି ଦିନ ସେଠାକୁ ଯିବେ। ତେଣୁ ସାଙ୍ଗ ହୋଇ ସେଠାରେ ବୁଲାବୁଲି କରିବୁ। ତା'ପରେ ଏକ ବଣଭୋଜିର ଆୟୋଜନ କରାଯାଉଛି। ତେଣୁ ନୂଆବର୍ଷରେ ଏହାର ମଧ୍ୟ ମଜା ନେବୁ। ନୂଆବର୍ଷକୁ ତ ମିଳିମିଶି ସ୍ୱାଗତ କରିବୁ। ବର୍ତ୍ତମାନ ସ୍କୁଲର ଶୀତକାଳୀନ ଛୁଟି ରହିଛି। ତେଣୁ ଏବେ ସମୟ ନଷ୍ଟ ନ କରି ପଢ଼ାପଢ଼ି କରୁଛି।





**–ତାଶ୍ୟା ନାୟକ**
କ୍ଲାସ–୧୦, ନିର୍ମଳ କନ୍‌ଭେଣ୍ଟ ସ୍କୁଲ,
ଗୌର ଟୋଟାସାହି, କେନ୍ଦୁଝର

# କଳିକା

ଚଳିତ ବର୍ଷ ପିଲାଙ୍କ ଧରିତ୍ରୀରେ ଅନେକ ଶିଶୁ ପ୍ରତିଭାଙ୍କ ସମେତ ଆଇନା ସ୍ତମ୍ଭରେ ବହୁ କୁନି କୁନି ମଡେଲଙ୍କ ଫଟୋ  ପ୍ରକାଶ ପାଇଛି। ସେଥି ମଧ୍ୟରୁ ନିର୍ବାଚିତ କେତେକ ଶିଶୁ ପ୍ରତିଭା ଏବଂ ମଡେଲଙ୍କ ଫଟୋକୁ ସ୍ଥାନିତ କରାଯାଉଛି..







## ଦେବସ୍ମିତା ଦାସ

ଯାଜପୁର ମସୁଦପୁରର ବଡ଼ତ୍ରିଲୋଚନପୁର ଗାଁର ସୁଜାତା ପଣ୍ଡା ଓ ରାଧାଗୋବିନ୍ଦ ଦାସଙ୍କ ଝିଅ ଦେବସ୍ମିତା ଦାସ।  ସେ ଜଣେ ମେଧାବୀ ଛାତ୍ରୀ। ପାଠ ସହିତ ସେ ଏବେ ଓଡ଼ିଆ ସିରିଏଲ୍‌ରେ ଅଭିନୟ କରୁଛନ୍ତି। କୁନି କଳାକାରଭାବେ ତାଙ୍କ ଅଭିନୟ ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିପାରିଛି। ଅଭିନୟ ପ୍ରତି ତାଙ୍କର ସ୍ୱତନ୍ତ୍ର ଆକର୍ଷଣ ଥିବାରୁ ସେ ନୃତ୍ୟ ଓ ଅଭିନୟ ପାଇଁ ସ୍ୱତନ୍ତ୍ରଭାବେ ତାଲିମ ନେଉଛନ୍ତି ସତ କିନ୍ତୁ ଭବିଷ୍ୟତରେ ସେ ଉଚ୍ଚଶିକ୍ଷା ଲାଭକରି ଆଇଏଏସ୍ ଅଫିସର କିମ୍ବା ଜଜ୍ ହେବା ପାଇଁ ଲକ୍ଷ୍ୟ ରଖିଛନ୍ତି।



## ବିଶ୍ୱଜିତ୍ ପାଣି

ଭୁବନେଶ୍ୱର ଚକେଇସିହାଣିରେ ରହୁଥିବା ସୀମା ଏବଂ ବିଭୁତି ଭୂଷଣ ପାଣିଙ୍କ ପୁଅ ବିଶ୍ୱଜିତ୍। ବର୍ତ୍ତମାନ ସେ କରାଟେ(କାଟା)ରେ ବ୍ରାଉନ୍ ବେଲ୍ଟ ଲେଭେଲ୍ କମ୍ପ୍ଲିଟ୍ କରିସାରିଥିବା ବେଳେ ବ୍ଲାକ୍ ବେଲ୍ଟ ପାଇଁ ପ୍ରସ୍ତୁତ ହେଉଛନ୍ତି। ସେ ୨୦୨୨ରେ ୨୮ ତମ ଓଡିଶା ରାଜ୍ୟସ୍ତରୀୟ ଉସୁ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ,  ୨୩ ତମ ଓଡିଶା ରାଜ୍ୟସ୍ତରୀୟ କିକ୍ ବକ୍ସିଂ ଚାମ୍ପିୟନଶିପ୍ ୨୦୨୨ରେ ସ୍ୱର୍ଣ୍ଣ, ଅନେକ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ପୁରସ୍କୃତ ହୋଇଛନ୍ତି। ଫାଇଟ୍ ବ୍ୟତୀତ ସେ ପାଠ ପଢିବା ଏବଂ ଫୁଟବଲ୍ ଖେଳିବାରେ ରୁଚି ରଖନ୍ତି।





## ଆଲିଶା ସାହୁ

ଭୁବନେଶ୍ୱରରେ ରହୁଥିବା ନିବେଦିତା ଓ ମନୋଜ କୁମାର ସାହୁଙ୍କ ଝିଅ ଆଲିଶା। ସେ କଟକରେ ଆୟୋଜିତ ଫ୍ୟୁଜନ୍ ୨୦୨୨ରେ ବେଷ୍ଟ କିଡ୍ସ ମଡେଲ୍ ଅଫ୍ ଦି ଇୟର, ଗ୍ଲାମର ଅଫ୍ ଓଡିଶାରେ ବେଷ୍ଟ ଆକ୍ଟିଭ୍ ମଡେଲ୍ ଅଫ୍ ୨୦୨୩, ଭୁବନେଶ୍ୱରରେ ଥିବା ପପ୍‌ଟିକ୍ ଡାନ୍ସ ଏକାଡେମୀ ଦ୍ୱାରା ଆୟୋଜିତ ଷ୍ଟେଟ୍ ଲେଭେଲ୍ ଫ୍ୟାଶନ୍ ଶୋ' ୨୦୨୩ର ୱିନର୍ ହେବା ସହ ମିସ୍ ବ୍ୟୁଟିଫୁଲ୍ ସ୍ମାଇଲ୍ ଅଫ୍ ଦି ଇୟର ୨୦୨୩ ଆୱାର୍ଡ ମଧ୍ୟ ହାସଲ କରିଛନ୍ତି। ଭବିଷ୍ୟତରେ ଡାକ୍ତର ହେବା ତାଙ୍କର ଲକ୍ଷ୍ୟ ।

## ଦିବ୍ୟାଂଶା ପଣ୍ଡା

ଭୁବନେଶ୍ୱରରେ ରହୁଥିବା ଆଦ୍ୟାଶା ଏବଂ ସୌମ୍ୟରଞ୍ଜନ ପଣ୍ଡାଙ୍କ ଝିଅ ଦିବ୍ୟାଂଶା। ରାଜ୍ୟ ଏବଂ ଜାତୀୟସ୍ତରୀୟ ନୃତ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ସହ ସେ ତିନୋଟି ଓଡିଆ ଚଳଚ୍ଚିତ୍ର ଏବଂ ମ୍ୟୁଜିକ୍ ଆଲବମ୍‌ରେ ଶିଶୁ କଳାକାର କାର୍ଯ୍ୟ କରିସାରିଛନ୍ତି। ବର୍ତ୍ତମାନ ସୁଦ୍ଧା ସେ ମିସ୍ ଉତ୍କଳ ଜୁନିୟର, ଟ୍ୟାଲେଣ୍ଟ ଅଫ୍ ଓଡିଶା ସିଜନ୍-୩, କ୍ୱିନ୍ ଅଫ୍ ଇଣ୍ଡିଆ ନ୍ୟାଶନାଲ୍ ଶୋ'ରେ ମଧ୍ୟ ଟାଇଟଲ୍ ଜିତିଛନ୍ତି।  ସେ ତିନି ଥର ଇଣ୍ଟରନାଶନାଲ୍ ରେଡିଓ ଫେୟାର୍‌ରେ ଆୟୋଜିତ ଫ୍ୟାଶନ୍ ଶୋ'ରେ ୱିନର୍ ଟାଇଟଲ୍ ହାସଲ କରିଛନ୍ତି।

# କବିତା

## ନୂଆ ସକାଳ

ନୂଆ ବରଷର ନୂଆ ପ୍ରଭାତରେ
ନୂଆ ସୂରୁଜ ଉଇଁଲା
ପୁରୁଣାର ଦୁଃଖ ପରିତାପ ଯେତେ
ମନରୁ ପାସୋର ହେଲା ।
ଲାଗେ ଏ ପୃଥିବୀ ନୂଆ ପରି ଆଜି
ନୂଆ ଆଶା ଭରସାରେ,
ଗଦା ଗଦା ସ୍ୱପ୍ନ ଶାନ୍ତି,ସ୍ୱସ୍ତିର
ନୂଆ ବର୍ଷ ଜିଇବାରେ ।
ଦିଗ ଚହଟାଇ ବଉଳ ବାସଇ
ବକୁଳ ବନରେ କୁହୁ,
ନୂଆ ପର ଝାଡ଼ି ପ୍ରଜାପତି ଉଡ଼ି
ପିଉଛି କି ନବ ମହୁ ।
ନବ ବର୍ଷ ଅଭିନନ୍ଦନ ପତର
ସଭିଏଁ ଦିଅନ୍ତି ସଭିଙ୍କି,
ନୂତନ ମନର ଭାବ ବିନିମୟ
ସତେ ଏବେ ଫୁଟିବ କି ?
ଦି'ହଜାର ଚବ୍ବିଶ ନବବର୍ଷରେ
ବୁଣିଦିଅ ଭାବ ରାଶି,
ନବ ଉଦ୍ଦୀପନା ଭର ହେ ସବୁଠି
ବସୁନ୍ଧରା ଉଠୁ ହସି ।

**– ଶିବ ପ୍ରସାଦ ରାଉତ**
ବଛଦା,ଜଗନ୍ନାଥପୁର,ଭଦ୍ରକ
ମୋ: ୮୧୪୪୨୨୮୧୧୫

## ଆସିଗଲା ନୂଆବର୍ଷ

ସବୁଦିନ ପାଇଁ ଛୁଟି ନେଇ କାମରୁ
ପୁରୁଣା ବରଷ ଚାଲିଗଲା ଧରାଧାମରୁ,
ଆସିଗଲା ନୂଆ ବରଷ
ପିଲାଠାରୁ ବଡ଼ ଆନନ୍ଦେ ଅଧୀର
ପାଇ ତା'ର ମିଠା ପରଶ ।
ନୂଆ ବରଷକୁ ଜଣେଇବା ଅଭିନନ୍ଦନ
ଧୂପ ଦୀପ ଜାଳି କରିବା ସ୍ୱାଗତ,
ସୁଖ ଝରାଉ ସେ ମହୀରେ
ସଭିଙ୍କ କାନରେ ଶାନ୍ତିର ବାରତା
ଚୁପି ଚୁପି ଦେଉ କହିରେ ।
ଅଭାବ କଷଣ ଶୋଷଣ ଦେଉ ହଟେଇ
ଭଲରେ ଭଲରେ ବରଷଟା ଦେଉ କଟେଇ
ତେବେ ସିନା ତାକୁ ଝୁରିବା
ବିଦାୟ ନେଲେ ବି ସ୍ମୃତିରେ ତାହାର
ଚିରଦିନ ପାଇଁ ବୁଡ଼ିବା ।

**– ନିରାକାର ଚଇନି**
କଳିଗାଁ, ହାଟଡିହୀ, କେନ୍ଦୁଝର

## ନୂଆ ବରଷ

ଆସିଗଲା ଏବେ ନୂଆ ବରଷ
ଆସ ଗୀତ ଗାଇ ହେବା ହରଷ
ମନ ଆନନ୍ଦ, ନାହିଁ ବିଷାଦ
ସଭିଙ୍କୁ ବାଣ୍ଟିବା ନୂଆ ସନ୍ଦେଶ ।
ହାତେ ଫୁଲତୋଡ଼ା ବନ୍ଧୁମିଳନ
ଅଭିନନ୍ଦନରେ ପୂରଇ ମନ
ମନ୍ଦିର ଯିବା, ଭୋଜି କରିବା
ନାଚ ଗୀତ ଗାଇ କଟିବ ଦିନ ।
ସମୟର ସୁଅ ଧୀରେ ବହିବ
ଦିନ ଚାଲିଯିବ ରାତି ପାହିବ
ସୁଖ ବି ଥିବ, ଦୁଃଖ ବି ଥିବ
କେତେ ନୂଆ ସବୁ ପୁରୁଣା ହେବ ।
ଆସ ଆମେ ଆଜି ଶପଥ ନେବା
ଭଲକାମ ସବୁ ଆଗ କରିବା
ମାନବ ସେବା, ମାଧବ ସେବା
ଏହି କଥାଟିକୁ ମନେ ରଖିବା ।
ସୁସ୍ଥ ଅମ୍ଳଜାନ ପାଇବା ପାଇଁ
ଖାଲି ଜାଗା ଥିଲେ ଗଛ ଲଗାଇ
ସଭିଏଁ ଆମେ, ଏକାଠି ହୋଇ
ପରିବେଶ ନଷ୍ଟ କରିବା ନାହିଁ ।

**– କବିତା ମିଶ୍ର**
ନୀଳାଦ୍ରି ବିହାର, ଭୁବନେଶ୍ୱର
ମୋ: ୯୯୩୭୦୩୩୭୫୦

## ନୂଆ ବରଷ



ନୂଆ ବରଷ ନୂଆ ବରଷ
ସବୁରି ମନେ ଭରି ହରଷ
ଚଳଚଞ୍ଚଳ ଗତିରେ ଆସ
ସଭିଙ୍କୁ ଦିଅ ନୂଆ ପରଶ ।
ସଭିଙ୍କ ମନୁ ଦୂରେଇ ବିଷ
ମୁହଁରେ ଦିଅ ମୁରୁକି ହସ
କେହି ନ ଚିନ୍ତୁ କା ସର୍ବନାଶ
ହୃଦୟ ହେଉ ପୂର୍ଣ୍ଣ କଳସ ।
ଦୂରେଇ ଦିଅ ସବୁ ଅଳସ
କୁଚିନ୍ତା ଯେତେ କର ବିନାଶ
ଶାନ୍ତିରେ ପ୍ରାଣୀ ନେଉ ନିଃଶ୍ୱାସ
ଦୂର ହେଇଯାଉ ଅବସୋସ ।
ପୁରୁଣା ବ୍ୟଥା ହେଉ ନିଶେଷ
ନୂତନ ଭାବ ଆସୁ ଅଶେଷ
ସଭିଙ୍କ ମନେ ଭରୁ ଆଶ୍ୱାସ
ଜୀବଙ୍କୁ କର ଦୟା ଅଶେଷ ।

**– ଶୁଭେନ୍ଦୁ କୁମାର ମହାପାତ୍ର**
ମୋ: ୯୪୩୮୦୬୪୯୦୮

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

### ୧ ମିନିଟ୍‌ରେ ୨୭୩ ଆଭୋକାଡୋ

ରେକର୍ଡ କରିବା ପାଇଁ ବେଳେବେଳେ ମନକୁ ଅଜବ ଖିଆଲ ସବୁ ଆସେ। ଠିକ୍ ଏମିତି ଏକ ଖିଆଲି ମନରେ ନିଜ ମୁଣ୍ଡରେ ଆଭୋକାଡୋ (ୱାଲନଟ୍) ଭାଙ୍ଗି ରେକର୍ଡ କରିଛନ୍ତି ଭାରତର ନବୀନ କୁମାର। ନବୀନ ମାତ୍ର ୧ ମିନିଟ୍‌ରେ ଏପରି ଢଙ୍ଗରେ ୨୭୩ଟି ଆଭୋକାଡୋ ଭାଙ୍ଗି ପାରିଛନ୍ତି। ଆଭୋକାଡୋ ଭଳି ଏକ ଟାଣୁଆ ଜିନିଷକୁ ସେ ଏତେ ଶୀଘ୍ର ମୁଣ୍ଡରେ ଫଟାଇ ଦେଉଥିଲେ ତାହା ଦେଖି ଲୋକେ ଆଶ୍ଚର୍ଯ୍ୟ ହୋଇଛନ୍ତି। ୧ ସେକେଣ୍ଡରେ ସେ ହାରାହାରି ୪ଟାରୁ ଅଧିକ ଆଭୋକାଡୋ ଫଟାଇ ପାରିଛନ୍ତି। ଏଭଳି ଏକ କାମ କରିବା ପାଇଁ ନବୀନ ଅନେକ ଦିନ ଧରି ଅଭ୍ୟାସ କରୁଥିଲେ। ସେ ମାର୍ଶାଲ ଆର୍ଟରେ ମଧ୍ୟ ବେଶ୍ ନିପୁଣ। ମାର୍ଶାଲ ଆର୍ଟର ବିଭିନ୍ନ ପ୍ରକାର କଳାକୁ ସେ ପ୍ରଦର୍ଶନ କରି ନିଜର ଏକ ପରିଚୟ ବି ସୃଷ୍ଟି କରିଛନ୍ତି। ତେବେ ଏଭଳିଭାବେ ମୁଣ୍ଡରେ ଆଭୋକାଡୋ ଫଟାଇ ଗିନିଜ୍ କ୍ଷେତ୍ରରେ ମହମ୍ମଦ ରସିଦ୍‌ଙ୍କ ରେକର୍ଡକୁ ଭାଙ୍ଗିଛନ୍ତି। ତାଙ୍କ ପୂର୍ବରୁ ମହମ୍ମଦ ୧ ମିନିଟ୍‌ରେ ୨୫୪ଟି ଆଭୋକାଡୋ ମୁଣ୍ଡରେ ପିଟି ଭାଙ୍ଗିଥିଲେ। ମହମ୍ମଦ ପ୍ରଥମେ ୨୦୧୪ ମସିହାରେ ୧ ମିନିଟ୍‌ରେ ୧୫୦ଟି ଏହାପରେ ସେ ନିଜ ରେକର୍ଡ ବଦଳାଇ ୧୮୧ଟି ଏବଂ ପୁଣି ଥରେ ୨୫୪ଟି ଆଭୋକାଡୋ ଭାଙ୍ଗିଥିଲେ। କିନ୍ତୁ ନବୀନ ଏବେ ତାଙ୍କର ସବୁ ରେକର୍ଡକୁ ଭାଙ୍ଗିଛନ୍ତି।





## ଏଥରର

- ବାସ୍କେଟବଲ ଖେଳର ପ୍ରତି ଦଳରେ କେତେଜଣ ଖେଳାଳି ରହନ୍ତି ?
- କ୍ରିକେଟ ଟୁର୍ନାମେଣ୍ଟ 'ଆଇପିଏଲ୍'ର ଫୁଲ୍‌ଫର୍ମ କ'ଣ ?
- ଇଡେନ୍ ଗାର୍ଡେନ୍ କ୍ରିକେଟ ଷ୍ଟାଡିୟମ କେଉଁଠାରେ ଅଛି ?
- ତୁର୍କୀର ଜାତୀୟ ଖେଳର ନାମ ?
- ବ୍ୟାଡ୍‌ମିଣ୍ଟନ ଖେଳ ପ୍ରଥମେ କେଉଁଠାରୁ ଉତ୍ପତ୍ତି ହୋଇଥିଲା ?

ଉ ତ୍ତ ର

## ଗତଥରର

- ଓସ୍‌ଲୋ
- କ୍ଲୋରୋଫିଲ୍
- ବେଞ୍ଜାମିନ୍ ଫ୍ରାଙ୍କଲିନ୍
- ବାରୋମିଟର
- କୋପେନହାଗେନ୍

## କହିଲ ଦେଖି

ଏମିତି ଏକ ଦରବ ସିଏ
ବର୍ଷରେ ଥରୁଟେ ବଦଳିଯାଏ
ସଭିଙ୍କ ପାଇଁକି ଲୋଡ଼ା ପଡ଼ଇ
ଦିନ ମାସ ବର୍ଷ ଦିଏ ସୂଚେଇ
ସଭିଏଁ କରନ୍ତି ତା' ବ୍ୟବହାର
କିଏ ସେ କହିବ ନାମ ତାହାର ?

ଉ– **କ୍ୟାଲେଣ୍ଡର**




ନୂଆକରି ସିଏ ଧରାକୁ ଛୁଏଁ
କେତେ ଆଡ଼ମ୍ବର ସ୍ୱାଗତ ହୁଏ
ନୂତନ ଦିନର ଆରମ୍ଭ ହୁଏ
ବଦଳିଯାଏ ବି ମସିହାଟିଏ
ଶୁଭେଚ୍ଛା ବାର୍ତ୍ତାର ଛୁଟଇ ସୁଅ
ଜାଣିଥିଲେ ତା'ର ନାମଟି କୁହ ?

ଉ– **ନୂଆବର୍ଷ**




ଦିଆନିଆ ହୁଏ ନୂଆବରଷେ
ଦେଉଥାନ୍ତି ତାକୁ କେଡ଼େ ହରଷେ
ପଦକୁ ପଦ ଯୋଡ଼ି ସେଥିରେ
ଲେଖି ଦେଉଥାନ୍ତି କେଡ଼େ ଆଦରେ
ରଙ୍ଗବେରଙ୍ଗର ରୂପଟି ତା'ର
ପାଇଥାଏ ସିଏ କେତେ ଆଦର
ଶୁଭେଚ୍ଛା ବାର୍ତ୍ତାର ମାଧ୍ୟମଟିଏ
ନାମଟି ତାହାର କହିବ କିଏ ?

ଉ– **ଗ୍ରୀଟିଂସ୍ କାର୍ଡ**




ବର୍ଷର ପ୍ରଥମ ଦିନଟି ସିଏ
ନୂଆବର୍ଷ ବୋଲି ଦୁନିଆ କୁହେ
ଦିନ ମାସ ବର୍ଷ ବଦଳିଯାଏ
ନାମଟି ତାହାର କହିବ କିଏ ?

ଉ– **ଜାନୁୟାରୀ ପହିଲା**




**– ପ୍ରଶାନ୍ତ କୁମାର ନାଥ**
ସୁନ୍ଦରପୁର,ପ୍ରୀତିପୁର, ଯାଜପୁର
ମୋ: ୮୩୧୦୩୨୮୩୪୫




୧




୨




୩



୪



୫



୬

୭



ଅନ୍ୱେଷା ସାମଲ
କ୍ଲାସ–୯, ଦଶରଥପୁର ଉଚ୍ଚ ବିଦ୍ୟାଳୟ, ଦଶରଥପୁର, ଯାଜପୁର

୧

ବେଦାର୍ଥ ଦାଶ
କ୍ଲାସ– ୩, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଗଙ୍ଗନଗର, ଭୁବନେଶ୍ୱର



୨



ଆଦିତ୍ୟ ଦାଶ
କ୍ଲାସ–୧୦, ବଟମଙ୍ଗଳା ସରକାରୀ ଉଚ୍ଚ ବିଦ୍ୟାଳୟ, ଗୋପାଳପୁର, ଜଗତସିଂହପୁର

୩

ଦିଶା ସାମଲ
କ୍ଲାସ– ୪, ଭେଙ୍କଟେଶ୍ୱର ସ୍କୁଲ, ଯାଜପୁର ଟାଉନ, ଯାଜପୁର



୪



ସୌମ୍ୟରଞ୍ଜନ ବେହେରା
କ୍ଲାସ–୫, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କାକଟପୁର, ପୁରୀ

୫

ସିଦ୍ଧେଶ୍ୱରୀ ସ୍ୱୟଂସିଦ୍ଧା
କ୍ଲାସ– ୪, ସେଣ୍ଟ ଜାଭିୟର ହାଇସ୍କୁଲ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର



୬



ସୁମଗ୍ନା ଦାସ
କ୍ଲାସ–୨, କ୍ରୀଷ୍ଣମୂର୍ତ୍ତି ୱାର୍ଲଡ ସ୍କୁଲ, ପ୍ରତାପନଗରୀ, କଟକ

୭

# ଅଦ୍ଭୁତ ପକ୍ଷୀ



ପକ୍ଷୀମାନେ ସାଧାରଣତଃ ଆକାଶରେ ଉଡ଼ିଥାନ୍ତି, କିନ୍ତୁ ଏହି ଗଡ୍‌ୱିନ୍ ଚଢ଼େଇ ଉଡିବା ସମୟରେ ତା'ର ଶରୀରକୁ ସମ୍ପୂର୍ଣ୍ଣ ରୂପେ ଢାକି ଦେଇଥାଏ। ଏହି ଚଢ଼େଇ ଆମେରିକାର ଆଲାସ୍କାରେ ଅଧିକ ସଂଖ୍ୟାରେ ଦେଖିବାକୁ ମିଳିଥାନ୍ତି। ଏମାନେ ମାଇଗ୍ରେସନ ଲାଗି ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡ ଯାଇଥାନ୍ତି। ଏହି ଚଢ଼େଇ ଆକାଶରେ ଉଡିବା ସମୟରେ ସମ୍ପୂର୍ଣ୍ଣ ରୂପେ ଜେଟ୍ ଫାଇଟର ପରି ଦୃଶ୍ୟମାନ ହୋଇଥାଏ। ଏମାନଙ୍କ ଶରୀରର ଓଜନ ପ୍ରାୟ ୨୩୦-୪୫୦ଗ୍ରାମ୍ ଏବଂ ଶରୀରର ଲମ୍ବ ୩୭-୪୧ସେ.ମି. । ଏହି ପକ୍ଷୀ ଏକଘଣ୍ଟାରେ ୫୬କିଲୋମିଟର ଅତିକ୍ରମ କରିପାରନ୍ତି। ଏମାନଙ୍କ ଡେଣାର ଲମ୍ବ ପ୍ରାୟ ୭୦-୮୦ସେ.ମି. । ଏହି ଚଢ଼େଇ ବୟସ୍କ ବୋଲି ଏମାନଙ୍କ ପାଦ ନଖରୁ ଜଣାପଡିଥାଏ।

# କ୍ଷୁଦ୍ରତମ ବେଙ୍ଗ

ଇଣ୍ଡୋନେସିଆରେ ଏପରି ଏକ ବେଙ୍ଗ ପ୍ରଜାତି ଦେଖିବାକୁ ମିଳନ୍ତି, ଯାହାକୁ ବିଶ୍ୱର କ୍ଷୁଦ୍ରତମ ବେଙ୍ଗ ବୋଲି କୁହାଯାଏ। ଏହି ପ୍ରଜାତିର ବେଙ୍ଗ ଲିମ୍ନୋନେକଟେସ୍ ଭାବେ ନାମିତ ହୁଅନ୍ତି। ଏମାନେ ଅଣ୍ଡା ଦେବାର ଏକ କୌଶଳ ପ୍ରୟୋଗ କରିଥାନ୍ତି। ଏହି ବେଙ୍ଗ ପାଣିରେ ଅଣ୍ଡା ନ ଦେଇ ସ୍ଥଳଭାଗରେ ଅଣ୍ଡା ଦେଇଥାନ୍ତି। ଏହି ବେଙ୍ଗର ଲମ୍ବ ମାତ୍ର ତିନି ସେ.ମି. । ଏମାନେ ଆକାର ଲାଗି ଯେତିକି ଚର୍ଚ୍ଚିତ ସେତିକି ସେମାନଙ୍କର ଅଣ୍ଡା ଦେବାର ପ୍ରକ୍ରିୟା ମଧ୍ୟ କୌତୂହଳପୂର୍ଣ୍ଣ। ଏହି ବେଙ୍ଗ ଶରୀର ତୁଳନାରେ ଅଧିକ ଅଣ୍ଡା ଦେଇଥାନ୍ତି। ଏମାନଙ୍କ ବ୍ୟବହାର ଅନ୍ୟ ବେଙ୍ଗ ତୁଳନାରେ ଭିନ୍ନ।



# ସାପ କ'ଣ ଆଖିରେ ଶୁଣେ



ଥରେ ହରିପୁର ଗାଁକୁ ସାପକେଳା ସାପ ଆଣି ସାହିରେ ଖେଳ ଦେଖାଉଥାଏ। ସାପ ପେଡିରୁ ଭଳିକି ଭଳି ସାପ କାଢ଼ି ପଦ୍ମତୋଳା ବୋଲୁଥାଏ। ଲାଉତୁମ୍ବା ବଜାଉଥାଏ। ରାକେଶ ଷଷ୍ଠ ଶ୍ରେଣୀରେ ପାଠ ପଢ଼େ। ସେ ମଧ ତା ସାଙ୍ଗମାନଙ୍କ ସହିତ ସାପ ଖେଳ ଦେଖୁଥାଏ। ସାପୁଆ ସାପମାନଙ୍କର ନାମ କହି ଲାଉତୁମ୍ବା ବଜାଇ ତା' ଶରୀରକୁ ଏପଟ ସେପଟ ହଲାଉଥାଏ। ସାପୁଆ ତା' 'ହାତମୁଠାକୁ ଯେଉଁ ଦିଗକୁ ନିଏ, ନାଗସାପ ସେହି ଦିଗକୁ ତା'ର ଫଣା ବୁଲାଉଥାଏ। ସାପୁଆ କେଳା ତା' ଆଣ୍ଠୁ ଓ ଗୋଡକୁ ଏପଟ ସେପଟ କରୁଥାଏ। ଯେତେବେଳେ କେଳା ସ୍ଥିର ରହିଯାଏ ସାପ ମଧ ଫଣାକୁ ନ ହଲାଇ ନିଶ୍ଚଳ ହୋଇ ରହିଥାଏ। ରାକେଶ ଏ ସବୁ ଦେଖି ତା' ମନରେ ଅନେକ ପ୍ରଶ୍ନ ଉଙ୍କି ମାରୁଥାଏ। ମହେଶବାବୁ ସନ୍ଧ୍ୟା ସମୟରେ ଯେତେବେଳେ ଘରକୁ ଫେରିଲେ ରାକେଶ ପଚାରିଲେ, ବାବା ! ଆଜି ସାହିକୁ ସାପ ଖେଳ ଆସିଥିଲା ସାପୁଆ ଯେମିତି ହଲିଲେ, ସାପ ମଧ ସେମିତି ହଲୁଥାଏ। ଥରେ ଜେଜେମା'' କହିଥିଲେ,ସାପକୁ ଚକ୍ଷୁଶ୍ରବା ବୋଲି ଡାକନ୍ତି ଅର୍ଥାତ୍ ସାପ କୁଆଡେ ଆଖି ସାହାଯ୍ୟରେ ଶୁଣେ ଏହା କିପରି ସମ୍ଭବ ଆପଣ ମୋତେ ବୁଝାନ୍ତୁ,ବାବା''।

ମହେଶବାବୁ କହିଲେ, ମଣିଷ ତଥା ଅନ୍ୟ ପ୍ରାଣୀଙ୍କଠାରେ ଶବ୍ଦ ଶୁଣିବା ପାଇଁ ଯେପରି କାନ ରହିଛି ସାପମାନଙ୍କର ସେପରି ନାହିଁ। ତେଣୁ ବାହାରର ଶବ୍ଦକୁ ସେ ଗ୍ରହଣ କରି ପାରେନାହିଁ। କିନ୍ତୁ ଭୂମି ଉପରେ ସୃଷ୍ଟି ହେଉଥିବା ଶବ୍ଦ ବା ଧ୍ୱନିକୁ ଶୁଣିପାରେ,କାରଣ ତାଙ୍କର ଅନ୍ତଃ କର୍ଣ୍ଣ ଅଛି ତେଣୁ ରାତ୍ର ସମୟରେ ବାହାରକୁ ଗଲାବେଳେ ଠେଙ୍ଗାକୁ ତଳକୁ ତଳକୁ ବାଡେଇ ଗଲେ,ସାପ ଆସୁଥିଲେ ସେହି ଶବ୍ଦ ଶୁଣି ସେହି ରାସ୍ତାରୁ ହଟିଯାଇଥାଏ। ମହେଶ କହିଲେ , ତୁମେ ଦେଖିଥିବ ସାପୁଆ ଯେତେବେଳେ ଲାଉତୁମ୍ବା ଦ୍ୱାରା ଭୂମିକୁ କିମ୍ବା ସାପ ପେଡ଼ିକୁ ଆଘାତ କରୁଥିବ,ସେତେବେଳେ ସାପ ନିଶ୍ଚୟ ଫଣା ଟେକୁଥିବ। କାରଣ ସେତେବେଳେ ସେ ଧ୍ୱନିକୁ ଶୁଣିପାରେ। ସାପ ଚକ୍ଷୁର ଉପର ପତା ନ ଥାଏ। ତା'ର ଖୋଲା ଆଖି ଥିବାରୁ ,ତାକୁ ଲୋକେ ଚକ୍ଷୁଶ୍ରବା



ବୋଲି କହନ୍ତି। କିନ୍ତୁ ଏହା ଠିକ୍ ନୁହେଁ। ତେଣୁ ସାପର ଶୁଣିବା ପାଇଁ ଅନ୍ତଃକର୍ଣ୍ଣ ଅଛି ଓ ଦେଖିବା ପାଇଁ ଚକ୍ଷୁ ରହିଛି। ରାକେଶ ପଚାରିଲେ ବାବା ! ମୋର ଉପର ଶ୍ରେଣୀର ଜଣେ ସାଙ୍ଗ କହୁଥିଲେ,ସାପ କୁଆଡେ ସଙ୍ଗୀତକୁ ଭଲ ପାଏ,ଏହା ସତକି ? ମହେଶ ବାବୁ କହିଲେ ନା ! ତାହା ଭୁଲ୍ ଧାରଣା। ବାୟୁରେ ଗତି କରୁଥିବା ଶବ୍ଦକୁ ଶୁଣିବା ଅସମ୍ଭବ,ତେଣୁ ସେ ସଙ୍ଗୀତ ଶୁଣିବ କିପରି ? ବେଳେବେଳେ ସାପୁଆମାନେ ବଡବଡ ସାପକୁ ବେକରେ ଗୁଡାଇ ଲାଉତୁମ୍ବା ବଜାଇ ଘରକୁ ଘର ବୁଲି ଭିକ୍ଷା ମାଗିଥାଆନ୍ତି। କେହି କେହି କହନ୍ତି, ଲାଉତୁମ୍ବା ତୁମ୍ଭେ ବଜାଅନି କେଉଁ ଗାତରେ ସାପ ଥିଲେ,ପଦାକୁ ବାହାରି ଆସିବ ଏପରି କହିବା ମଧ୍ୟ ଠିକ୍ ନୁହେଁ। ରାକେଶ ପଚାରିଲେ ବାବା,ଆପଣ ମୋତେ କୁହନ୍ତୁ ସାପ କାହିଁକି ନେଉଳକୁ ମାରେ ନାହିଁ। ମହେଶ କହିଲେ, ନେଉଳ ଖୁବ୍ ଚଞ୍ଚଳ ଓ ଖୁବ୍ ଦ୍ରୁତ ଗତିରେ ନିଜର ଶରୀର ଚାଳନା କରି ସାପର ଚୋଟରୁ ନିଜକୁ ରକ୍ଷା କରେ। ତା' ଛଡା ଉଭୟର ଲଢ଼େଇ ଚାଲିଥିବା ସମୟରେ ନେଉଳର ଲୋମଗୁଡିକ ସିଧା ଠିଆ ହୋଇଯାଏ। ତେଣୁ ସାପର ବିଷଦାନ୍ତ ଚର୍ମକୁ ସହଜରେ ଛୁଇଁପାରେ ନାହିଁ। ଆଉ ଗୋଟିଏ କଥା କହୁଛି ଶୁଣ ରାକେଶ,ପୂର୍ବ ଭଳି କେଳାମାନେ ସାପକୁ ଧରିବା ଓ ଅର୍ଥ ଉପାର୍ଜନ ପାଇଁ ଖେଳ ଦେଖାଇବା ବାରଣ କରାଯାଇଅଛି। କାରଣ ସାପୁଆମାନେ ଖେଳ ନାଁରେ ଅନେକ ବିଷାକ୍ତ ସାପକୁ ଧରି ସେମାନଙ୍କର ବିଷ ବାହାର କରି ବିଦେଶ ବଜାରରେ ଅଧିକ ଦାମରେ ବିକ୍ରି କରି ଅସଦ୍ ଉପାୟରେ ପ୍ରଚୁର ଅର୍ଥ ଉପାର୍ଜନ କରୁଛନ୍ତି। ଯାହା ଫଳରେ ସାପ ଭଳି ଅରଣ୍ୟ ଜନ୍ତୁ ଲୋପ ପାଇବାକୁ ଯାଉଛି। ତେଣୁ ପିଲାମାନେ ତୁମେ ଯଦି ଘରେ କିମ୍ବା ଘର ବାହାରେ ସାପ ଦେଖିବ, ତେବେ ସ୍ନେକ୍‌ହେଲ୍ପଲାଇନ୍‌ର ସହାୟତା ନେଇପାରିବ।

ରାକେଶ କହିଲେ,ବାବା ! ସାପ ବିଷୟରେ ମୋର ଯେଉଁ ସନ୍ଦେହ ଥିଲା ତାହା ଦୂର ହେଲା। ରାତ୍ର ୭ଟା ବାଜିଲା , ମୁଁ ମୋର ପଢ଼ାପଢ଼ି କରିବି।

**-ବିନୋଦ ଚନ୍ଦ୍ର ଜେନା**,ପାରଳାଖେମୁଣ୍ଡି,ଗଜପତି
ମୋ: ୭୭୩୫୨୨୨୭୧୩

